# Official Spokesperson's response to media queries on developments on the LAC

May 14, 2020

---

# LAC ଘଟଣାବଳୀ ସମ୍ପର୍କରେ ମିଡିଆ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ରଙ୍କ ବକ୍ତବ୍ୟ

14 ମଇ, 2020

**LAC ଘଟଣାବଳୀ ସମ୍ପର୍କରେ ମିଡିଆ ପ୍ରଶ୍ନର ଉତ୍ତରରେ, ସରକାରୀ ମୁଖପାତ୍ର ଶ୍ରୀ ଅନୁରାଗ ଶ୍ରୀବାସ୍ତବ କହିଛନ୍ତି:**

"ଭାରତ-ଚୀନ ସୀମା କ୍ଷେତ୍ରର ସମସ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ଭାରତ ଓ ଚୀନ ସର୍ବାଧିକ ଗୁରୁତ୍ୱ ଦେଇଥା'ନ୍ତି। ସୀମା ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ଉଭୟ ପକ୍ଷ ପ୍ରଚେଷ୍ଟା ଜାରି ରଖିବେ ବୋଲି ଉହାନ୍ (2018) ଓ ଚେନ୍ନଇ (2019)ରେ ଅନୁଷ୍ଠିତ ଅଣ-ଆନୁଷ୍ଠାନିକ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି ଓ ଚୀନର ରାଷ୍ଟ୍ରପତି ଜି. ଜିନପିଙ୍ଗ୍ ପୂନର୍ବାର ଦୃଢ଼ ମତବ୍ୟକ୍ତ କରିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କର ସାମଗ୍ରିକ ଉନ୍ନତି ପାଇଁ ଏହା ଅତ୍ୟାବଶ୍ୟକ।

ପାରସ୍ପରିକ ଓ ସମାନ ସୁରକ୍ଷା ନୀତି ସମେତ ଉଭୟ ପକ୍ଷ ସହମତ ହୋଇଥିବା ବିଭିନ୍ନ ଭରସା ବୃଦ୍ଧିକାରୀ ପଦକ୍ଷେପଗୁଡ଼ିକୁ ଆନ୍ତରିକ ଭାବରେ କାର୍ଯ୍ୟକାରୀ କରିବା ଏବଂ ପୂର୍ବରୁ ସୀମା କ୍ଷେତ୍ରରେ ଅପ୍ରୀତିକର ଘଟଣା ଏଡ଼ାଇବା ପାଇଁ ଥିବା ଆନୁଷ୍ଠାନିକ ବ୍ୟବସ୍ଥା ଓ ସୂଚନା ଆଦାନପ୍ରଦାନ ମେକାନିଜିମଗୁଡ଼ିକୁ ଦୃଢ଼ କରିବାକୁ ମଧ୍ୟ ଉଭୟ ନେତା ସେମାନଙ୍କ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ, ଭାରତ-ଚୀନ ସୀମା ମୁଖ୍ୟତଃ ଶାନ୍ତିପୂର୍ଣ୍ଣ ଅଛି।

ତଥାପି, ବେଳେବେଳେ ବାସ୍ତବ ନିୟନ୍ତ୍ରଣ ରେଖା (LAC)ର ଅବସ୍ଥିତିକୁ ନେଇ ଦୃଷ୍ଟିଭଙ୍ଗୀରେ ପାର୍ଥକ୍ୟ ଥିବା ଯୋଗୁଁ କାର୍ଯ୍ୟତଃ ଅପ୍ରୀତିକର ଘଟଣାମାନ ଘଟିଛି, ଯାହାକୁ LAC ବିଷୟରେ ଆମର ସମାନ ଦୃଷ୍ଟିଭଙ୍ଗୀ ଥିଲେ ଏଡ଼ାଇ ଦିଆଯାଇପାରିଥା'ନ୍ତା। ଏପରି ଘଟଣାଗୁଡ଼ିକ ଘଟିବା ସଙ୍ଗେସଙ୍ଗେ ତୁରନ୍ତ ସମାଧାନ ପାଇଁ ଉଭୟ ପକ୍ଷଙ୍କ ନିକଟରେ ସୀମା ଅଧିକାରୀ ବୈଠକ, ଧ୍ୱଜା ବୈଠକ ଏବଂ ଭାରତ-ଚୀନ ସୀମା ବ୍ୟାପାର ନିୟନ୍ତ୍ରଣ ଓ ସହଯୋଗ ପାଇଁ କାର୍ଯ୍ୟକାରୀ ମେକାନିଜମ୍ ସମେତ ବିଭିନ୍ନ ଉପାୟ ତଥା କୂଟନୈତିକ ମାର୍ଗ ମଧ୍ୟ ଅଛି।

ଭାରତ-ଚୀନ ସୀମା ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉଦ୍ଦେଶ୍ୟ ପ୍ରତି ଭାରତୀୟ ପକ୍ଷ ପ୍ରତିଶ୍ରୁତିବଦ୍ଧ।"

ନୂଆ ଦିଲ୍ଲୀ
**14 ମଇ, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.